# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 04 November – 2025

******************************************

## ମୁଖ୍ୟ ସମ୍ବାଦ

- ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନର ଶୁଭାରମ୍ଭ କଲେ ନିର୍ବାଚନ ଆୟୋଗ
- କଟକରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଐତିହାସିକ ବାଲିଯାତ୍ରା; ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ଯୁକ୍ତଦୁଇ ଏକ୍ସ ରେଗୁଲାର ଫର୍ମ ପୂରଣ ଅବଧି ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ

– କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ପୂର୍ବତଟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

English Pool

# ଇସି-ଏସ୍ଆଇଆର୍

ଭାରତ ନିର୍ବାଚନ ଆୟୋଗ ଆଜି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି । ଏଥିରେ ୯ଟି ରାଜ୍ୟ ଏବଂ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ କରାଯିବ । ମୋଟ୍ ୫୧ କୋଟି ଭୋଟର ଏହି ପର୍ଯ୍ୟାୟରେ ସାମିଲ ହେବେ। ସୂଚନା ଅନୁଯାୟୀ ସଂଶୋଧନ ପରେ ୨୦୨୬ ମସିହା ଫେବୃୟାରୀ ୭ ତାରିଖରେ  ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ବିହାରରେ ପ୍ରଥମ ପର୍ଯ୍ୟାୟରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ହୋଇଥିଲା। ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ଡିସେମ୍ବର ମାସ ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ୨୦୦୨ ମସିହାରୁ ୨୦୦୪ ମସିହା ମଧ୍ୟରେ ଶେଷ ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ଅନୁଷ୍ଠିତ ହୋଇଥିଲା।

Desk

# ବାଲିଯାତ୍ରା

ପ୍ରାଚୀନ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର  ସ୍ୱାକ୍ଷର ବହନ କରୁଥିବା ବାଲିଯାତ୍ରାର ଗୌରବମୟ ଇତିହାସକୁ ପରବର୍ତ୍ତୀ ପିଢ଼ିଙ୍କ ନିକଟରେ ଉଜ୍ଜୀବିତ ରଖିବା ଲକ୍ଷ୍ୟ ନେଇ ଆସନ୍ତାକାଲିଠାରୁ ଐତିହାସିକ ବାଲିଯାତ୍ରା କଟକ ଆରମ୍ଭ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରାର ଉଦ୍‌ଘାଟନ କରିବେ। ପ୍ରଥମ କରି ଚଳିତ

ବାଲିଯାତ୍ରାର ସହଭାଗୀ ଦେଶ ଇଣ୍ଡୋନେସିଆ ରହିଛି । ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍ କୃଷ୍ଣମୂର୍ତ୍ତି ଚଳିତଥର ସମ୍ମାନିତ ଅତିଥି ଭାବେ ଯୋଗ ଦେଉଛନ୍ତି । ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶ ବିଦେଶରୁ ଦର୍ଶକଙ୍କ ସମାଗମ ପରିଲକ୍ଷିତ ହେବ । ପ୍ରତ୍ୟେକ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ଏବଂ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି । ବାଲିଯାତ୍ରା ପ୍ରସ୍ତୁତି ସମ୍ପର୍କରେ କଟକର ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋ କହିଛନ୍ତି...

**- V/O –**

BBSR/R

## ନୂଆପଡ଼ା ନିର୍ବାଚନ- ଜରୁରୀ ସହାୟତା

ନୂଆପଡ଼ା ଉପନିର୍ବାଚନକୁ ଆଉ ୭ ଦିନ ବାକି ରହିଛି । ଆସନ୍ତା ୧୧ ତାରିଖରେ ଭୋଟ୍ ଗ୍ରହଣମ ଅନୁଷ୍ଠିତ ହୋଇ ୧୪ ତାରିଖରେ ଫଳାଫଳ ପ୍ରକାଶ ପାଇବ । ନିର୍ବାଚନ ସମୟରେ କାର୍ଯ୍ୟରତ କର୍ମଚାରୀ, ପୁଲିସ, ସି.ଏ.ପି.ଏଫ୍ ଯବାନଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚାରୋଟି ଆକସ୍ମିକ ଘଟଣା ଯଥା– ସାପ କାମୁଡ଼ା, ହୃଦ୍‌ଘାତ, ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ଜୀବନ ପ୍ରତି ବିପଦ ସ୍ଥିତିରେ ଜରୁରୀକାଳୀନ ସେବା

ଯୋଗାଇ ଦେବାକୁ କୁହାଯାଇଛି । ନୂଆପଡ଼ା ତଥା ପଡ଼ୋଶୀ ରାୟପୁରରେ ଯେକୌଣସି ସରକାରୀ ତଥା ବେସରକାରୀ ହସ୍ପିଟାଲରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ କୁହାଯାଇଛି ।

Kandhamal

## ଛାୟା ସଂସଦ

କନ୍ଧମାଳ ଜିଲ୍ଲା ସମଗ୍ର ଶିକ୍ଷା ଏବଂ ପିଏମ୍‌ଶ୍ରୀ ଯୋଜନା ଆନୁକୂଲ୍ୟରେ ଜିଲ୍ଲାର ୨୦ଟି ପିଏମ୍‌ଶ୍ରୀ ସ୍କୁଲକୁ ନେଇ ଜିଲ୍ଲାସ୍ତରୀୟ ଛାୟା ସଂସଦ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭାଗ ନେଇଥିବା ୧୨ଟି ବ୍ଲକର ପିଏମ୍‌ଶ୍ରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟ ସଂସଦ ଉପରେ ସେମାନଙ୍କ ଜ୍ଞାନ ଓ ଧାରଣାକୁ ସମୁନ୍ନତ କରିବା ପାଇଁ ପ୍ରୟାସ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଛାୟା ସାଂସଦ ରୂପରେ ବିଭିନ୍ନ ରାଜ୍ୟର ପ୍ରସଙ୍ଗ ଏବଂ ସେଗୁଡ଼ିକର ସମ୍ଭାବ୍ୟ ସମାଧାନ ବିଷୟରେ ଉପସ୍ଥାପନ କରିଥିଲେ । ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ପ୍ରାଧ୍ୟାପକ ଓ ଶିକ୍ଷାବିତ୍‌ମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ସଂସଦୀୟ ଉପସ୍ଥାପନାର ସମୀକ୍ଷା କରିଥିଲେ ।

I&PR

## ପଣ୍ୟଗାର ଲାଭାଂଶ

ଓଡ଼ିଶା ରାଜ୍ୟ ପଣ୍ୟଗାର ନିଗମ ପକ୍ଷରୁ ଆଜି ରାଜ୍ୟ ସରକାରଙ୍କୁ ଲାଭାଂଶ ଅର୍ଥ ୩ କୋଟି ୪୦ ଲକ୍ଷ ୬୪ ହଜାର ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ

ଏବଂ ରାଜ୍ୟ ପଣ୍ୟଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି ଏହି ଲାଭାଂଶ ରାଶି ପ୍ରଦାନ କରିଛନ୍ତି ।

Nabarangpur

## ଜନଗଣନା

ଆଗାମୀ ୨୦୨୭ ମସିହା ଜନଗଣନା ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି । ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକରେ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ଜନଗଣନା ନିର୍ଦ୍ଦେଶାଳୟର ୮ଜଣ ଅଧିକାରୀ ଓ କର୍ମଚାରୀ ତାଲିମ କାର୍ଯ୍ୟ ଆରମ୍ଭ କରିଛନ୍ତି ।  ବ୍ଲକର ୨୦ଟି ଗ୍ରାମରେ ଏହି ପ୍ରାକ୍ ଜନଗଣନା ଅନୁଷ୍ଠିତ ହେବ ।

Puri

# ଶ୍ରୀଜୀଉଙ୍କ ଡାଳିକିଆ ବେଶ

ପୁରୀ ଶ୍ରୀମନ୍ଦିରରେ ପଞ୍ଚକ ବ୍ରତ ପାଳନର ତୃତୀୟ ଦିବସରେ ଆଜି ଶ୍ରୀଜୀଉମାନେ ଶ୍ରଦ୍ଧାଳୁଙ୍କୁ ଲକ୍ଷ୍ମୀ-ନୃସିଂହ ବା ଡାଳିକିଆ ବେଶରେ ଦର୍ଶନ ଦେଇଛନ୍ତି । ଚତୁର୍ଦ୍ଦଶୀ ତିଥିରେ ଅବକାଶ ନୀତି ଶେଷ ହେବା ପରେ ମହାପ୍ରଭୁ ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଛନ୍ତି । ଏକାଦଶୀ ତିଥିଠାରୁ ପଞ୍ଚୁକ ଆରମ୍ଭ ହୋଇଥିବା ବେଳେ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼ ବୃଦ୍ଧି ପାଇବାରେ ଲାଗିଛି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ମହାପ୍ରଭୁଙ୍କର ରାଜରାଜେଶ୍ୱର ବେଶ ବା ସୁନାବେଶ  ଦର୍ଶନ ପାଇଁ ଆସନ୍ତାକାଲି ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ, ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟାବସ୍ଥା ଗ୍ରହଣ କରାଯାଇଛି।

କାର୍ତ୍ତିକ ପୂର୍ଣ୍ଣମୀ  ଓ ହବିଷ ଉତ୍ସବ ସମୟରେ ଶ୍ରଦ୍ଧାଳୁଙ୍କ ସୁବିଧାଜନକ ଯାତ୍ରାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ବ୍ରହ୍ମପୁର–ପୁରୀ ପାସେଞ୍ଜର, ପୁରୀ-ବ୍ରହ୍ମପୁର ପାସେଞ୍ଜର ଓ ପୁରୀ-ବ୍ରହ୍ମପୁର ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଉଛି। ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକ ବ୍ରହ୍ମପୁର ଏବଂ ପୁରୀ ମଧ୍ୟରେ ଖୋର୍ଦ୍ଧା ରୋଡ୍ ଜଙ୍କସନ୍‌କୁ ବାଇପାସ୍ କରି ଜଗନ୍ନାଥ, ଛତ୍ରପୁର, ଗଞ୍ଜାମ, ହୁମା, ତାପଙ୍ଗ, କଣାସ ରୋଡ୍, ବୀର ପୁରୁଷୋତ୍ତମପୁର ଆଦି ଷ୍ଟେସନ୍‌ରେ ରହଣି କରିବେ।

Desk

# ବୋଇତବନ୍ଦାଣ କାର୍ଯ୍ୟକ୍ରମ

କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଆସନ୍ତାକାଲି ସକାଳୁ କଟକ ମହାନଦୀ କୂଳରେ ଆଳତୀ, କୀର୍ତ୍ତନ ସହ ବୋଇତବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଶାଳପତ୍ରରେ ନିର୍ମିତ ଡଙ୍ଗା ଭସାଇବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଓର୍‌ମାସର ବିଭିନ୍ନ ସ୍ୱେଚ୍ଛାସେବୀ ତଥା

ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଶାଳପତ୍ରରେ ୨୦ହଜାରରୁ ଊର୍ଦ୍ଧ୍ୱ ଡଙ୍ଗା ତିଆରି କରାଯାଇଛି ।

ପୁରୀରେ ମହୋଦଧି ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ବୋଇତ ଭସାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

HS

## ଯୁକ୍ତ ଦୁଇ ଫର୍ମ

ଯୁକ୍ତ ଦୁଇ ଏକ୍ସ ରେଗୁଲାର ଫର୍ମ ପୂରଣ ଅବଧିକୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ସମୟସୀମା ପରେ ଆବେଦନ କଲେ ଶୁଳ୍କ ଦେବାକୁ ପଡ଼ିବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି । ପୂର୍ବରୁ ଆବେଦନ ପାଇଁ ଗତ ମାସ ୨୮ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଥିଲା ।

Gajapati

## ରାଷ୍ଟ୍ରୀୟ ଲୋକ ଅଦାଲତ

ଗଜପତି ଜିଲ୍ଲାରେ ଆସନ୍ତା ମାସ ୧୩ ତାରିଖରେ ଚଳିତ ବର୍ଷର ଶେଷ ତଥା ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ଦୌରାଜଜ୍ କୋର୍ଟ ସମେତ ଆର.ଉଦୟଗିରି, ମୋହନା ଏବଂ କାଶୀନଗର ସ୍ଥିତ କୋର୍ଟ ପରିସରରେ ଲୋକ ଅଦାଲତ ଆୟୋଜନ କରାଯିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମାମଲାଗୁଡ଼ିକର ସହଜ ସମାଧାନ ସହିତ ଅର୍ଥ ଓ ସମୟର ଅପଚୟକୁ ରୋକିବା ପାଇଁ ଏହି ଲୋକ ଅଦାଲତ ଆୟୋଜନ ହେଉଛି । ଏ

ସମ୍ପର୍କରେ ସବିଶେଷ ବିବରଣୀ ଜାଣିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ବିଭିନ୍ନ କୋର୍ଟ ପରିସରରେ ଥିବା ତାଲିକା ଆଇନସେବା କମିଟି ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି ।

Deogarh

## ଶକ୍ତିଶ୍ରୀ ସେଲ୍

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଶକ୍ତିଶ୍ରୀ ସେଲ୍ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ସୁରକ୍ଷା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏହି ଆଲୋଚନାଚକ୍ରରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଛାତ୍ରୀ ଓ ଅଧ୍ୟାପିକାମାନଙ୍କୁ ନାରୀ ସୁରକ୍ଷା ସମ୍ପର୍କିତ ସରକାରଙ୍କ ବିଭିନ୍ନ ଯୋଜନା ଓ ଆଇନ ସମ୍ପର୍କରେ ବୁଝାଇଥିଲେ ।

Ganjam

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗଞ୍ଜାମ ଜିଲ୍ଲା ଛତ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଶିବିରରେ ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା କିପରି ହିତାଧିକାରୀଙ୍କ ନିକଟରେ ସୁବିଧାରେ ପହଁଞ୍ଚିପାରିବା ନେଇ ଆଲୋଚନା କରିଥିଲେ । ଛତ୍ରପୁର ବ୍ଲକର ୧୮ଟି ପଞ୍ଚାୟତ ଓ ଏନ୍.ଏ.ସି.ରୁ ନାମ ପଞ୍ଜୀକରଣ କରିଥିବା ୨୬୦ ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଇଥିଲା ।

Nayagarh

## ଏକତା ପଦଯାତ୍ରା

ରାଷ୍ଟ୍ରୀୟ ଏକତା ପଦଯାତ୍ରା ଉପଲକ୍ଷେ ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଯୋଗଦେଇ ପଦଯାତ୍ରା ସମ୍ପର୍କରେ ତଥ୍ୟ ରଖିଥିଲେ । ଏହି ଅବସରରେ ବୃକ୍ଷରୋପଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପଦଯାତ୍ରା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି ।

Deogarh

## ଜୀବିକା ମିଶନ କାର୍ଯ୍ୟକ୍ରମ

ଦେବଗଡ଼ ଜିଲ୍ଲା ଢୋଲପଡ଼ା ପଞ୍ଚାୟତରେ ଆଜି ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମ ପଞ୍ଚାୟତସ୍ତରୀୟ ରବି ଋତୁ ଚାଷ ନିମନ୍ତେ ଉନ୍ନତ ଧରଣ ବିହନ, ଜୈବିକ ସାର, ଅଣୁସାର ଏବଂ କୀଟନାଶକ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ କୃଷି ଅଧିକାରୀ ଝସକେତନ ପଟ୍ଟା କାର୍ଯ୍ୟକ୍ରମରେ ଯୋଗଦେଇ ଚାଷ ପ୍ରଣାଳୀ ସମ୍ପର୍କରେ ଚାଷୀମାନଙ୍କୁ ବିଶେଷ ସୂଚନା ପ୍ରଦାନ କରିଥିଲେ ।

Nayagarh

## ସକ୍ଷମ-୭ କାର୍ଯ୍ୟକ୍ରମ

ନୟାଗଡ଼ ରୋଟାରୀ କ୍ଲବ ଓ ବ୍ରହ୍ମପୁର ଇଷ୍ଟ ମିଳିତ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପରିଚାଳିତ ସକ୍ଷମ-୭ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି ।

କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, କନ୍ଧମାଳର ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ୧୫୮ ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରିଥିଲେ।

Desk

## ରଣଜୀ ଟ୍ରଫି

କଟକ–ବାରବାଟୀ ଷ୍ଟାଡିୟମ୍‌ରେ ଖେଳା ଯାଇଥିବା ଚଳିତ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍–ଏ’ ମ୍ୟାଚ୍‌ରେ ଆଜି ଓଡ଼ିଶା’ ଇନିଂସ ଓ ୫୦ ରନ୍‌ରେ ଆନ୍ଧ୍ରପ୍ରଦେଶ ନିକଟରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ରପ୍ରଦେଶ ୭ ୱିକେଟ୍ ବିନିମୟରେ ୪୭୫ ରନ୍ କରିବା ପରେ ଇନିଂସ ଘୋଷଣା କରିଥିଲା। ଓଡ଼ିଶା ପ୍ରଥମେ ଇନିଂସରେ ୧୫୧ ରନ୍ କରି ଅଲଆଉଟ୍ ହେବା ସହ ଫଲୋଅନ୍ ହୋଇଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ୨୭୪ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା।